SAMBAD
ସମ୍ବାଦ
ଶନିବାର, ଡିସେମ୍ବର ୧୫, ୨୦୦୭

# ପଲ୍ଲିଶ୍ରୀର ବିପର୍ଯ୍ୟୟ ପରିଚାଳନା କର୍ମଶାଳା



ଫଟୋ: ପ୍ରଭାତ ମହାନ୍ତି

ବରୀ, ୧୪।୧୨ (ଇମିସ): ବରୀର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଲ୍ଲିଶ୍ରୀ ପକ୍ଷରୁ ସ୍ୱେଚ୍ଛାସେବୀ ଓ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ନେଇ ବିପର୍ଯ୍ୟୟ ପରିଚାଳନା କର୍ମଶାଳା ବରୀ ଉର୍ଦ୍ଦୁ ୟୁଜି ଏମ୍‌ଇ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି । କୁଂଜ ବିହାରୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜିଲ୍ଲା ସ୍ତରୀୟ କର୍ମଶାଳାରେ ଓଡିଏସର ସାଧାରଣ ସମ୍ପାଦକ ପ୍ରଦୀପ ପ୍ରଧାନ ବିଶେଷଜ୍ଞ ଭାବରେ ଯୋଗଦେଇ ଓଡିଶା ରିଲିଫ କୋର୍ଡରେ ଥିବା ବିଭିନ୍ନ ତ୍ରୁଟି ସମ୍ପର୍କରେ ଆଲୋକପାତ କରିବା ସହ ତାହା କିଭଳି ସଂଶୋଧିତ ହୋଇପାରିବ ସେ ଦିଗରେ ବିଶଦ ତଥ୍ୟ ଉପସ୍ଥାପନ କରିଥିଲେ । ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ରବିନାରାୟଣ ପଣ୍ଡା ଯୋଗଦେଇ ପ୍ରାକୃତିକ ଦୁର୍ବିପାକକୁ କିପରି ମୁକାବିଲା କରାଯାଇ ପାରିବ ସେ ସମ୍ପର୍କରେ କହିଥିଲେ । ଅନୁଷ୍ଠାନର ସମ୍ପାଦକ ପ୍ରଶାନ୍ତ କୁମାର ସାହୁ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ପଲ୍ଲୀଶ୍ରୀର ବରୀ ବ୍ଲକ ସଂଯୋଜକ ରଶ୍ମିରେଖା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି କର୍ମଶାଳାରେ ପଲ୍ଲୀଶ୍ରୀର କର୍ମକର୍ତ୍ତା, ବ୍ଲକରେ ଥିବା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ ।

SAMBAD
ସମ୍ବାଦ
କଟକ
୧୫ ଡିସେମ୍ବର ୨୦୦୭

ପଲ୍ଲିଶ୍ରୀର ବିପର୍ଯ୍ୟୟ ପରିଚାଳନା କର୍ମଶାଳା



ଫଟୋ: ପ୍ରଭାତ ମହାନ୍ତି

ବରୀ, ୧୪।୧୨ (ଇମିସ): ବରୀର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଲ୍ଲିଶ୍ରୀ ପକ୍ଷରୁ ସ୍ୱେଚ୍ଛାସେବୀ ଓ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ନେଇ ବିପର୍ଯ୍ୟୟ ପରିଚାଳନା କର୍ମଶାଳା ବରୀ ଉର୍ଦ୍ଦୁ ୟୁଜି ଏମ୍‌ଇ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି । କୁଂଜ ବିହାରୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜିଲ୍ଲା ସ୍ତରୀୟ କର୍ମଶାଳାରେ ଓଡିଏସର ସାଧାରଣ ସମ୍ପାଦକ ପ୍ରଦୀପ ପ୍ରଧାନ ବିଶେଷଜ୍ଞ ଭାବରେ ଯୋଗଦେଇ ଓଡିଶା ରିଲିଫ କୋର୍ଡରେ ଥିବା ବିଭିନ୍ନ ତ୍ରୁଟି ସମ୍ପର୍କରେ ଆଲୋକପାତ କରିବା ସହ ତାହା କିଭଳି ସଂଶୋଧିତ ହୋଇପାରିବ ସେ ଦିଗରେ ବିଶଦ ତଥ୍ୟ ଉପସ୍ଥାପନ କରିଥିଲେ । ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ରବିନାରାୟଣ ପଣ୍ଡା ଯୋଗଦେଇ ପ୍ରାକୃତିକ ଦୁର୍ବିପାକକୁ କିପରି ମୁକାବିଲା କରାଯାଇ ପାରିବ ସେ ସମ୍ପର୍କରେ କହିଥିଲେ । ଅନୁଷ୍ଠାନର ସମ୍ପାଦକ ପ୍ରଶାନ୍ତ କୁମାର ସାହୁ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ପଲ୍ଲୀଶ୍ରୀର ବରୀ ବ୍ଲକ ସଂଯୋଜକ ରଶ୍ମିରେଖା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି କର୍ମଶାଳାରେ ପଲ୍ଲୀଶ୍ରୀର କର୍ମକର୍ତ୍ତା, ବ୍ଲକରେ ଥିବା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ ।

## ସମବାୟ ସମିତି ନିର୍ବାଚନ

ନିଶ୍ଚିନ୍ତକୋଇଲି, ୧୪।୧୨ (ଇମିସ): ଅସୁରେଶ୍ୱର ସେବା ସମବାୟ ସମିତିର ସଭାପତି ଭାବେ ବିଶିଷ୍ଟ ଚାଷୀ ଲକ୍ଷ୍ମୀଧର ପାଣ୍ଡେ ଓ ଉପସଭାପତି ଭାବେ ଅମ୍ବିକା ବେହେରା ଆଜି ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀଙ୍କଠାରୁ ପ୍ରକାଶ ।